ସମାଜ

ତାରିଖ: ୧୯.୦୨.୨୦୧୮

# ବିଆଇଆଇଟିଏମ୍ ଫେଷ୍ଟ ଉଦ୍‌ଯାପିତ



ଭୁବନେଶ୍ୱର ,୧୮।୨: ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ (ବିଆଇଆଇଟିଏମ୍)ରେ 'ବି-ଫେଷ୍ଟ' ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାସଲିଡ୍ ସିମେଣ୍ଟର ମାର୍କେଟିଂ ଭାଇସ୍ ପ୍ରେସିଡେଣ୍ଟ ସଞ୍ଜୀବ୍ ଗୁପ୍ତା ଯୋଗଦେଇଥିଲେ । ଉତ୍ସବରେ ଅନ୍ୟତମ ଅତିଥି ଭାବେ ଆଇଡ଼ିଆ ସେଲୁଲାର ମାନବ ସମ୍ବଳ ସାଧାରଣ ପରିଚାଳକ ମନିଷ କିଶୋର ଲୁକ୍‌କାୟିତ ପ୍ରତିଭାର ବିକାଶ କ୍ଷେତ୍ରରେ ଏହି ଫେଷ୍ଟିଭାଲ ସୁଯୋଗ ସୃଷ୍ଟି କରିବ ବୋଲି କହିଥିଲେ । ଏଥିରେ ବର୍ଜର ପେଣ୍ଟର ରାଜ୍ୟ ମୁଖ୍ୟ ସମ୍ବିତ ଦାଶ ଏବଂ ହୁଇର୍ଲପୁଲ ଇଣ୍ଡିଆ (ଲି.)ର ଓଡ଼ିଶା ମୁଖ୍ୟ ଶୋଭିତ ଅଗ୍ରୱାଲ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଓଟିଭିର ମାର୍କେଟିଂ ଓ ଡିଜିଟାଲ ମୁଖ୍ୟ ସାର୍ଥକ ଶଙ୍କର ଭଗତ ଯୋଗଦେଇଥିଲେ । ଏହି ବି-ଫେଷ୍ଟରେ ବିଭିନ୍ନ ମ୍ୟାନେଜମେଣ୍ଟ ଓ ଇଞ୍ଜିନିୟରିଂ ଅନୁଷ୍ଠାନର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏଥିରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତାପ କୁମାର ବଳବନ୍ତରାୟ ଉପସ୍ଥିତ ଥିଲେ ।